# ଗ୍ରୁପିଜିମ୍ ନ କରି ଏକାଠି ହୋଇ ସଂଗଠନକୁ ସୁଦୃଢ଼ କର

## ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ



ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳନ ଅବସରରେ ଯୋଗଦେଇଥିବା ବରିଷ୍ଠ ନେତୃବୃନ୍ଦ ଓ କର୍ମକର୍ତ୍ତା।

ଢେଙ୍କାନାଳ,୫।୩(ରତନ ନାୟାର)

ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ମହାନ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଗୁରୁବାର ପୂର୍ବାହ୍ନ ସାଢେ ୧୦ଟାରେ ପୂର୍ବତନ ବିଧାୟକଙ୍କ ଆବାସିକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସମୃଦ୍ଧ ଓଡିଶା ଗଠନରେ ବିଜୁ ବାବୁଙ୍କ ଅବଦାନ ସମ୍ପର୍କିତ ଆଲୋଚନାଚକ୍ରରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଅଧକ୍ଷତା କରି କହିଲେ, ଓଡ଼ିଶାର ବିକାଶରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ । ବିଜୁ ବାବୁଙ୍କୁ ସମସ୍ତେ ଭଲ ପାଉଥିଲେ । ଜିଲା, ପଞ୍ଚାୟତ ଓ ବ୍ଲକଗୁଡିକୁ ସଂପ୍ରସାରଣ କରି ପଞ୍ଚାୟତସ୍ତରରେ କ୍ଷମତାକୁ ବଣ୍ଟନ କରିବା ତାଙ୍କର ମୂଳଲକ୍ଷ୍ୟ ଥିଲା । ମହିଳାମାନଙ୍କ ବିକାଶ ପାଇଁ ସେ ଅଗ୍ରାଧିକାର ଦେଇଥିଲେ । ଆଜି ଚାଷୀ ମଣ୍ଡିରେ କାନ୍ଦୁଛି, ଯାହାକୁ ନେଇ ବିଧାନସଭା ମଧ୍ୟ ଅଚଳ ହୋଇଥିଲା । ଶାସକ ଦଳ କହୁଛନ୍ତି, ଜିଲାପାଳଙ୍କୁ ସମସ୍ୟା ସମାଧାନ ପାଇଁ ଦାୟିତ୍ୱ ଦିଆଯାଇଛି । କିନ୍ତୁ ଜିଲାପାଳଙ୍କୁ କେବଳ ଟୋକନ ରିନ୍ୟୁଆଲ କରିବା ପାଇଁ କ୍ଷମତା ଦିଆଯାଇଛି ।

ନିଜ ମନରେ ଦ୍ୱନ୍ଦ୍ୱ ନ ରଖି ଆଲୋଚନା ମାଧ୍ୟମରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ, ସମିତି ସଭ୍ୟ ପାଇଁ ପ୍ରାର୍ଥୀ ଦେବା ନିମନ୍ତେ ବର୍ତ୍ତମାନଠାରୁ ପ୍ରସ୍ତୁତ ହୁଅନ୍ତୁ । ଭୋଟର ଆମ ମାଲିକ ଏବଂ ଚଳନ୍ତି ଦେବତା । ଭୋଟରଙ୍କ ସାଥିରେ ରୁହନ୍ତୁ । ଗ୍ରୁପିଜିମ୍ ଛାଡି ଦଳର ସଂଗଠନକୁ ମଜଭୁତ କରିବା ପାଇଁ ପୂର୍ବତନ ବିଧାୟକ ସାମଲ ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ଅର୍ଚ୍ଚନା ପୁହାଣ କହିଲେ, ବିଜୁବାବୁ ଜଣେ ସ୍ୱାଭିମାନୀ ଓ ବୀର ପୁରୁଷ ଥିଲେ । ଗାଁକୁ କାମ, ମା'ଙ୍କୁ ସମ୍ମାନ ତାଙ୍କର ଲକ୍ଷ୍ୟ ଥିଲା । ସେଥିପାଇଁ ୩୦ ଜିଲାରୁ ୨୧ ଜିଲାରେ ମହିଳାମାନେ ଜିଲା ପରିଷଦ ସଭାପତି ପଦ ଅଳଙ୍କୃତ କରିଛନ୍ତି । ବିଜେଡି ବରିଷ୍ଠ ନେତା ନରୋତ୍ତମ ସାହୁ, ଜିଲା ପରିଷଦ ସଭ୍ୟ ଅଶୋକ ପରିଡା ଓ ବିଭୂତି ଭୋଇ, ପ୍ରଦୀପ ରାଉତ, ଶୁଭଦର୍ଶିନୀ ପରିଡା, ବିଶ୍ୱନାଥ ବେହେରା, ସୁକାନ୍ତ ମିଶ୍ର, ସୁରଜ ମହାପାତ୍ର, ମହମ୍ମଦ ସାଗିର, ବିଜେଡି ଲିଗାଲ ସେଲ ସଭାପତି ଗୋପାଳଚନ୍ଦ୍ର ପାତ୍ର, ଜିଲା ମହିଳା ବିଜେଡି କାର୍ଯ୍ୟକାରୀ ସଭାପତି ଶୁଭଲକ୍ଷ୍ମୀ ସାହୁ, ଛାତ୍ର ବିଜେଡ ସଭାପତି ଆର୍ଯ୍ୟନ ଦାସ, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ପ୍ରମୁଖ ଉଦବୋଧନ ପ୍ରଦାନ କରି ଦଳୀୟ ସଂଗଠନକୁ ସୁଦୃଢ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି ଅବସରରେ ପୂର୍ବତନ ପୌରାଧ୍ୟକ୍ଷ ଶ୍ରୀକାନ୍ତ ମିଶ୍ରଙ୍କ ପରଲୋକରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା । ଟାଉନ ବିଜେଡି ସଭାପତି ବିନୋଦ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ । ଜିଲା ଉପସଭାପତି ଦେବାଶିଷ ମିଶ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ହାତୀ ଆକ୍ରମଣରେ ୨ ମୃତ

ଓଡ଼ାପଡ଼ା, କାମାକ୍ଷାନଗର, ୫।୩ (ରଞ୍ଜିତ ନାୟକ/ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖୁଣ୍ଟୁଝରି ପଞ୍ଚାୟତର ଟାଙ୍ଗିରିପଡ଼ା ଅଞ୍ଚଳରେ ଚାଷ କାମ ଉଦ୍ଦେଶ୍ୟରେ ରହୁଥିବା ଇନ୍ଦିପୁର ଜୁଆଁଙ୍ଗ ସାହିର ବାସିନ୍ଦା ସୁଷମା ପ୍ରଧାନ ମଙ୍ଗଳବାର ସନ୍ଧ୍ୟାରେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ସ୍ୱାମୀ, ଝିଅଙ୍କ ସହିତ ବଜାରରୁ ଫେରୁଥିବା ବେଳେ ଏକ ଦନ୍ତା ହାତୀ ସେମାନଙ୍କୁ ଗୋଡ଼ାଇଥିଲା । ସ୍ୱାମୀ ଗୁରୁବାରୀ ପଧାନ ଏକ ଗଛ ଉପରକୁ ଚଢିଯାଇଥିଲେ ଏବଂ ଝିଅ ପ୍ରାଣ ବିକଳରେ ଦୌଡ଼ି ପଳାଇଥିଲେ । କିନ୍ତୁ ସୁଷମା ପଧାନ ଦୌଡ଼ିଯିବା ସମୟରେ ପଛପଟୁ ହାତୀ ତାଙ୍କୁ କଚାଡ଼ି ମାରିଦେଇଥିଲା ।

ସେହିପରି କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଁଳାବେରଣିଠାରେ ଗୁରୁବାର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଚାରୁଲତା ନାଏକ । ଭୋର ସମୟରେ ଚାରୁଲତା ଶୌଚ ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣ କରିଥିଲା । ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ବନ ବିଭାଗ କର୍ମଚାରୀ ପହଞ୍ଚି ତୁମୁସିଙ୍ଗା ଥାନାକୁ ଖବର ଦେଇଥିଲେ ।

## ବିଧାୟକଙ୍କ ଗାଡ଼ି ଧକ୍କାରେ ଶିକ୍ଷକଙ୍କ ଗୋଡ଼ ଭାଙ୍ଗିଲା




ଜିଲା ମୁଖ୍ୟ ଚିକିତ୍ସାଳୟରେ ଆହତ ଶିକ୍ଷକଙ୍କୁ ଚିକିତ୍ସା କରାଉଛନ୍ତି ବିଧାୟକ ଅଗସ୍ତି ବେହେରା

ଢେଙ୍କାନାଳ,୫।୩(ରତନ ନାୟାର)

ଢେଙ୍କାନାଳ ସହର ୫୫ନଂ ଜାତୀୟ ରାଜପଥର ମହିଷାପାଟ ଛକଠାରେ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟା ସମୟରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରାଙ୍କ ଫର୍ଚୁନର ଗାଡ଼ି ଧକ୍କାରେ ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ବାମ ଗୋଡ଼ ଭାଙ୍ଗିଯାଇଛି । ବିଧାୟକ ବେହେରା ନିଜ ଗାଡ଼ିରେ ଢେଙ୍କାନାଳ ଦେଇ ଭୁବନେଶ୍ୱର ଯାଉଥିଲେ । ଢେଙ୍କାନାଳ ସହର ୫୫ନଂ ଜାତୀୟ ରାଜପଥର ମହିଷାପାଟ ଛକଠାରେ ବିଧାୟକଙ୍କ ଗାଡ଼ି ସନ୍ତୋଷଙ୍କୁ ଧକ୍କା ଦେଇଥିଲା । ସଦର ବ୍ଲକ ସପ୍ତଶଯ୍ୟା ଗ୍ରାମପଞ୍ଚାୟତ ପାତ୍ରଭାଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ସାହୁ ପରୀକ୍ଷା ପାଇଁ ପ୍ରଶ୍ନପତ୍ର ଆଣିବା ନିମନ୍ତେ ନିଜର ମୋଟର ସାଇକେଲ ଯୋଗେ ଢେଙ୍କାନାଳ ଆସୁଥିଲେ । ସେ ରାଜପଥ ଅତିକ୍ରମ କରୁଥିବା ବେଳେ ବିଧାୟକଙ୍କ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଦୁର୍ଘଟଣା ପରେ ବିଧାୟକ ବେହେରା ଆହତ ଶିକ୍ଷକ ସାହୁଙ୍କୁ ନିଜ ଗାଡ଼ିରେ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇ ସେଠାରେ ତାଙ୍କର ଚିକିତ୍ସା କରାଇଥିଲେ । ସନ୍ତୋଷଙ୍କ ବାମ ଗୋଡ଼ଟି ଭାଙ୍ଗି ଯାଇଥିଲା । ପରେ ଶିକ୍ଷକ ସନ୍ତୋଷଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ସହରସ୍ଥିତ ଦକ୍ଷିଣକାଳୀ ଅଞ୍ଚଳରେ ଥିବା ବାସଭବନରେ ଆଣି ଛାଡିଥିଲେ । ଏ ସଂକ୍ରାନ୍ତରେ ଟାଉନ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ । ଅନ୍ୟପଟରେ ମହିଷାପାଟ ଛକଠାରେ ଟ୍ରାଫିକ ନିୟନ୍ତ୍ରଣ ଦାୟିତ୍ୱରେ ନିୟୋଜିତ ପୋଲିସ କର୍ମଚାରୀ ନିଜ ଦାୟିତ୍ୱ ନ ତୁଲାଇ ରାସ୍ତାକଡ଼ ଆମ୍ବଗଛ ତଳେ ବସି ସବୁବେଳେ ମୋବାଇଲ ଦେଖୁଥିବା ଆହତ ଶିକ୍ଷକ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି ।

## ବିଭିନ୍ନ ଗ୍ରାମରେ ଦୋଳଯାତ୍ରା

ପରଜଙ୍ଗ, ୫।୩ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକର ବିଭିନ୍ନ ଗ୍ରାମରେ ଦୋଳ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ଚନ୍ଦ୍ର ଗ୍ରହଣ ଯୋଗୁଁ ଦେବ ପୂଜା ନିଷିଦ୍ଧ ଥିବାରୁ ପରଜଙ୍ଗ ଗ୍ରାମରେ ସନ୍ଧ୍ୟା ୭ଟା ବେଳେ ରାଧାକୃଷ୍ଣଙ୍କ ମନ୍ଦିରରୁ ଯୁଗଳ ପ୍ରତିମାକୁ ଆଣି ଏକ ସୁସଜ୍ଜିତ ବିମାନରେ ବସାଇ ଶଙ୍ଖ, ଘଣ୍ଟ, ଖୋଲତାଳ ବଜାଇ ପୂଜା ଅର୍ଚ୍ଚନା କରି ରଙ୍ଗ ବେରଙ୍ଗର ଅବିର ବୋଳି ଦୋଳଯାତ୍ରାର ଶୁଭାରମ୍ଭ ହୋଇଥିଲା । ଆଖପାଖ ଗ୍ରାମରୁ ଦୋଳ ଯାତ୍ରା ଦେଖିବା ପାଇଁ ଲୋକମାନେ ଆସିଥିଲେ । ମେଲଣ ପଡ଼ିଆ ଅର୍ଥାତ୍ ଦୋଳ ମଣ୍ଡପ ନିକଟରେ ଭଳିକି ଭଳି ଦୋକାନ ବଜାର ବସିଥିଲା । ଦୋଳ ମଣ୍ଡପରେ ନୂତନ ପାଞ୍ଜି ପଢାଯାଇଥିଲା । ଗୋପାଳମାନେ ନିଜର ଲଉଡ଼ି ବାଡ଼ି ପ୍ରଦର୍ଶନ କରିଥିଲେ । ରାତ୍ରି ୧୦ ଟା ବେଳେ ପୁନର୍ବାର ପଟୁଆର ବାହାରି ପ୍ରଭୁଙ୍କ ମନ୍ଦିରକୁ ବାହୁଡି ନିଆଯାଇଥିଲା । ଗ୍ରାମ୍ୟ ପରିଚାଳନା କମିଟିର ସଭାପତି ଜିତୁ ସାମଲ ଗ୍ରାମର ବିନୟ ଦଳବେହେରା, ଅଶୋକ ଦଳବେହେରା, ହେମନ୍ତ କୁମାର ସାମଲ, ପ୍ରଶାନ୍ତ କୁମାର ଦଳବେହେରା ପ୍ରମୁଖଙ୍କ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସେହିପରି ବ୍ଲକର ବାରିହାପୁର, ଲୋଧଣୀ, ପାଟରପଦା, ସାଆନ୍ଦା, କୁମୁସି, ତଳବେରେଣା ମୁଣ୍ଡେଇଲୋ, ସରାଙ୍ଗ ଗ୍ରାମରେ ଦୋଳ ଯାତ୍ରା ଓ ହୋଲି ପର୍ବ ଆନନ୍ଦ ଉଲ୍ଲାସରେ ପାଳିତ ହୋଇଯାଇଛି ।

## ଓଡ଼ିଶା ପାଇଁ ବିଜୁବାବୁଙ୍କ ବଳିଦାନ ଏବେ ବି ଅକ୍ଷୁଣ୍ଣ



ଭୁବନ, ୫।୩ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବିଜେଡି ପକ୍ଷରୁ ଗୁରୁବାର ପ୍ରବାଦ ପୁରୁଷ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଜୟନ୍ତୀ ବିଷ୍ଣୁପ୍ରିୟା ଗାଲାକ୍ସରେ ପାଳିତ ହୋଇଛି । ବିଜେଡିର ଏମ୍‌ପି ପ୍ରାର୍ଥୀ ଅବିନାଶ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାଳୀବଜାରଠାରେ ଥିବା ସର୍ବକନିଷ୍ଠ ଶହୀଦ ବୀର ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ । ଭୁବନ ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ ସଭାପତିତ୍ୱ କରିଥିବା ବେଳେ ଢେଙ୍କନାଳ ଜିଲା ବିଜୁ ଜନତାଦଳର କାର୍ଯ୍ୟକାରୀ ସଭାପତି ସନ୍ଦୀପ କୁମାର ଷଡଙ୍ଗୀ ମୁଖ୍ୟବକ୍ତା, ଭୁବନ ବ୍ଲକ ଅଧ୍ୟକ୍ଷା ସିପ୍ରା ବରାଳ, ଭୁବନ ଏନ୍‌ଏସି ଉପାଧ୍ୟକ୍ଷା ମାନିନୀ ସାହୁଙ୍କ ବହୁ ପଦାଧିକାରୀ ଯୋଗଦେଇଥିଲେ । ଓଡ଼ିଶା ପାଇଁ ବିଜୁ ବାବୁଙ୍କ ବଳିଦାନ ଏବେ ବି ଅକ୍ଷୁର୍ଣ୍ଣ ରହିଥିବା ଅତିଥିମାନେ ମତପ୍ରକାଶ କରିଥିଲେ । ଏହି ଅବସରରେ ଜିଲା ଉପସଭାପତି ସୁଧାକର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ, ସାଧାରଣ ସମ୍ପାଦକ ଅଭିମନ୍ୟୁ ବେହେରା, ଅଜୟ କୁମାର ସେଠୀ, ନରେନ୍ଦ୍ର କୁମାର ସାହୁ, ସମ୍ପାଦକ ସୋମନାଥ ମହାରଣା, ପିଣ୍ଟୁ ଦାସ,ବିଶ୍ୱଜିତ ବାରିକଙ୍କ ସମେତ ସମସ୍ତ ଜିଲାପରିଷଦ, ସମିତି ସଭ୍ୟାସଭ୍ୟ, ସରପଞ୍ଚ, କାଉନସିଲର, ବରିଷ୍ଠ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ ।

## ଶାନ୍ତିଶୃଙ୍ଖଳା ସହ ଶେଷହେଲା ଦୋଳଯାତ୍ରା,ହୋଲି

ବନ୍ତଲା,୫।୩(ସୁଶିତ ସାହୁ)

ଅନୁଗୋଳ ଜିଲା ବନ୍ତଲା ଅଞ୍ଚଳରେ ଆନନ୍ଦ ଉଲ୍ଲାସର ସହ ଦୋଳଯାତ୍ରା ଓ ହୋଲି ପର୍ବ ପାଳିତ ହୋଇଯାଇଛି । ପୋକତୁଙ୍ଗା, ବାରଗୌଣିଆ, ବେଡ଼ା ଶାସନ, ଧନୁର୍ଜୟପୁର ଶାସନ, ଧୋକୁଟା, ଗୋପାଳପୁର ଆଦି ଗ୍ରାମରେ ମଙ୍ଗଳବାର ଚନ୍ଦ୍ରଗ୍ରହଣ ଯୋଗୁ ଦେବନୀତିର ସୂଚୀ ପରିବର୍ତ୍ତନ କରି ସନ୍ଧ୍ୟାରେ ସମସ୍ତ ନୀତିକାନ୍ତି, ପାରମ୍ପରିକ ବାଦ୍ୟ, ନାମ ସଂକୀର୍ତ୍ତନ, ଲଉଡି ଖେଳ ସହ ସୁସଜ୍ଜିତ ବିମାନରେ ରାଧାକୃଷ୍ଣଙ୍କୁ ବସାଇ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା । ପରେ ବିମାନଙ୍କୁ ନେଇ ଯାତ୍ରା ପଡ଼ିଆରେ ପହଞ୍ଚାଯାଇଥିଲା । ଏ ନେଇ ବିଭିନ୍ନ ଗ୍ରାମରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶାନ୍ତିଶୃଙ୍ଖଳା ପାଇଁ ବନ୍ତଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ବନ୍ତଲା ଅଞ୍ଚଳର ମୁଖ୍ୟ ଛକରେ ପୋଲିସ କଡ଼ାକଡ଼ି ଯାଞ୍ଚ କରିଥିବା ଦେଖିବାକୁ ମିଳିଥିଲା । ବନ୍ତଲା ଅଞ୍ଚଳରେ ଦୋଳଯାତ୍ରା ସହ ବୁଧବାର ରଙ୍ଗର ପର୍ବ ହୋଲି ଶାନ୍ତିଶୃଙ୍ଖଳା ସହ ପାଳିତ ହୋଇଥିବା ଜଣାପଡ଼ିଛି ।



ବନ୍ତଲା ଅଞ୍ଚଳରେ ଦୋଳଯାତ୍ରା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ।

## ଯୋଗାଣ ମନ୍ତ୍ରୀ ଖେଳିଲେ ହୋଲି



ଢେଙ୍କାନାଳ,୫।୩(ରତନ ନାୟାର)- ଢେଙ୍କାନାଳରେ ଚଳିତବର୍ଷ ରଙ୍ଗର ପର୍ବ ହୋଲି ବୁଧବାର ବିଭିନ୍ନ ସ୍ଥାନରେ ଧୁମଧାମରେ ପାଳିତ ହୋଇଛି । ସହରସ୍ଥିତ ହନୁମାନ ବାଟିକାଠାରେ ଜଗତ ଉଦ୍ଧାର ମଞ୍ଚ ପକ୍ଷରୁ ଆୟୋଜିତ ହୋଲି ଉତ୍ସବରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ସମସ୍ତଙ୍କ ସହ ହୋଲି ଖେଳିଥିଲେ । ଏହି ଅବସରରେ ସେ ସମସ୍ତଙ୍କୁ ହୋଲିର ଶୁଭେଚ୍ଛା ଜଣାଇଥିଲେ । ହୋଲି ଉତ୍ସବ ପାଳନ ଅବସରରେ ମନ୍ତ୍ରୀ କହିଲେ, ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ ଢେଙ୍କାନାଳରେ ହୋଲି ଖେଳିଛନ୍ତି । ଢେଙ୍କାନାଳ ବିକାଶ ପଥରେ ଆଗେଇ ଚାଲିଛି । ଖୁବଶୀଘ୍ର ଗୋପବନ୍ଧୁ ଟାଉନହଲର ନବୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ କହିଥିଲେ । ଏହି ଅବସରରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ମିଳିତ ବଜାର ପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ, ଜିପି ନବକିଶୋର ଗୁରୁ, ଜିଲା ଭାଜପା ପୂର୍ବତନ ସଭାପତି ନରେଶଚନ୍ଦ୍ର ମହାପାତ୍ର, ସମାଜସେବୀ ରାମଚନ୍ଦ୍ର ପାତ୍ର ଓ ଅକ୍ଷୟ ମହାନ୍ତି ପ୍ରମୁଖଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ । ଏହି ଅବସରରେ ସମସ୍ତେ ଢେଙ୍କାନାଳର ପ୍ରସିଦ୍ଧ ବରା ଓ ଆଳୁଦମର ମଜା ନେଇଥିଲେ । ସେହିପରି ଗୁଡନାଇଟ୍ କ୍ଲବ ପକ୍ଷରୁ ସହରସ୍ଥିତ ଗଣେଶ ବଜାରଠାରେ ହୋଲି ଉତ୍ସବ ପାଳିତ ହୋଇଥିଲା । ଅନୁଷ୍ଠାନର ସଭାପତି ସୁକାନ୍ତ କୁମାର ମିଶ୍ରଙ୍କ ସମେତ ବିଶ୍ୱନାଥ ବେହେରା, ନୃସିଂହ ବେହେରା, ବାବୁଲି ଦାସ, ଅରବିନ୍ଦ ସାହୁ, ଆଶିଷ ଶତପଥୀ, ଅଥୟ ସାହୁ, ବିନୋଦ ମହାନ୍ତି, ଲକ୍ଷ୍ମୀକାନ୍ତ ସାହୁ, ରାଜଶ୍ରୀ ଶତପଥୀ, ଜିଜ୍ଞାସୁ ଏଆର ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

## ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ




କାମାକ୍ଷାନଗର, ୫।୨ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗରରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ପାଳିତ ହୋଇଛି । ସହରର ବିଜୁ ପଟ୍ଟନାୟକ ବସଷ୍ଟାଣ୍ଡରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ସ୍ଥାନୀୟ ମେଡିକାଲ ରୋଗୀମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା । ପରେ ସ୍ଥାନୀୟ ଅନନ୍ତପୁରଠାରେ ଥିବା ବିଜେଡି କାର୍ଯ୍ୟାଳୟରେ ଢେଙ୍କାନାଳ ଜିଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଡ଼ ନୃସିଂହ ଚରଣ ସାହୁଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜିତ ହୋଇଥିଲା । କାମାକ୍ଷାନଗର ଏନ୍‌ଏସି ଅଧ୍ୟକ୍ଷ ତଥା ଢେଙ୍କାନାଳ ଜିଲା ଯୁବ ବିଜୁଜନତା ଦଳ ସଭାପତି ଧର୍ମାନନ୍ଦ ପରିଡା, ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, କାମାକ୍ଷାନଗର ଏନ୍‌ଏସି ଉପାଧ୍ୟକ୍ଷା ଶକୁନ୍ତଳା ସେଠୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ । ଓଡିଶା ପ୍ରଗତିରେ ବିଜୁବାବୁଙ୍କ ଉଲ୍ଲେଖନୀୟ ଅବଦାନ ସମ୍ପର୍କରେ ଆଲୋଚନା କରାଯିବା ସହ ବିଜୁବାବୁଙ୍କ ଜୀବନୀ ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ । କାମାକ୍ଷାନଗର ବ୍ଲକ ସଭାପତି ପ୍ରଭାସ ରଞ୍ଜନ ମିଶ୍ର, ଏନ୍‌ଏସି ସଭାପତି ଆଦିତ୍ୟ କୁମାର ଆଚାର୍ଯ୍ୟ, ଜିଲା ଉପସଭାପତି ହିମାଂଶୁ ଶେଖର ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ଦିଲ୍ଲୀପ ଷେଣ୍ଡ ଓ ବିଭିନ୍ନ ଅଞ୍ଚଳରୁ ବହୁ ବିଜୁପ୍ରେମୀ ଉପସ୍ଥିତ ଥିଲେ ।

## ଦୋଳଯାତ୍ରାରେ ୧୦ ହଜାର ଭକ୍ତଙ୍କ ସମାଗମ

ସନ୍ତ୍ରୀଛକ,୫।୩(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଣଁରପାଳ ବ୍ଲକ୍ ମହୀଧରପୁର ଗ୍ରାମରେ ବାର୍ଷିକ ଦୋଳ ଯାତ୍ରା ସମ୍ପନ୍ନ ହୋଇଛି । ଚଳିତବର୍ଷ ଦୋଳ ପୂର୍ଣ୍ଣିମା ଅବସରରେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଚନ୍ଦ୍ରଗ୍ରହଣ ପରେ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଇ ସନ୍ଧ୍ୟା ୭ଟାରୁ ରାତ୍ର ୧୧ଟା ପର୍ଯ୍ୟନ୍ତ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା । ବିଭିନ୍ନ ପାରମ୍ପରିକ ବାଦ୍ୟ, ନୃତ୍ୟ ଓ କଳା ପ୍ରଦର୍ଶନ କରାଯାଇଥିଲା । ରଙ୍ଗବେରଙ୍ଗର ଆଲୋକସଜ୍ଜା ଓ ସଂକୀର୍ତ୍ତନ ମଣ୍ଡଳୀଙ୍କ ଭଜନରେ ଅଞ୍ଚଳ କମ୍ପି ଉଠିଥିଲା । ବୁଧବାର ଗ୍ରାମରେ ହୋଲି ଉତ୍ସବ ପାଳନ କରାଯାଇଥିଲା । ଗ୍ରାମବାସୀଙ୍କ ସହ ହୋଲି ଖେଳିବା ପରେ ଠାକୁରଙ୍କୁ ରୀତିନୀତି ଅନୁଯାୟୀ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରାଯାଇଥିଲା ବୋଲି ଗ୍ରାମ ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି । ବିଶାଳ ଜନସମାଗମ ଓ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଅଧିକ ପୋଲିସ ମୁତୟନ କରାଯାଇଥିଲା ।

## ହାତୀ ଆକ୍ରମଣରେ ମୃତ ପରିବାରକୁ ଭେଟିଲେ ଏମ୍‌ପି



ଓଡ଼ାପଡ଼ା, ୫।୩ (ରଞ୍ଜିତ ନାୟକ)

ଗତ ୨୬ ତାରିଖ ବିଳମ୍ବିତ ରାତିରେ ଓଡ଼ାପଡ଼ା ବ୍ଲକ ମୋଟଙ୍ଗା ପଞ୍ଚାୟତ ଅଧୀନ ନଗାରି ଗ୍ରାମର କଷ୍ଟୁ ବେହେରା (୪୫)କୁ ହାତୀ ମାରିଦେଇଥିଲା । ଗୁରୁବାର ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି କଷ୍ଟୁଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ସରକାରୀ ସହାୟତା ଯୋଗାଇ ଦେବାକୁ ବନ ବିଭାଗ ଅଧିକାରୀଙ୍କୁ କହିଛନ୍ତି । ଗତ ଏକ ମାସ ମଧ୍ୟରେ ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରେ ବଣୁଆ ହାତୀଙ୍କ ଆକ୍ରମଣରେ ୮ ଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲାଣି । ଏ ନେଇ ଏମ୍‌ପି ପାଣି ଦୁଃଖ ପ୍ରକାଶ କରିବା ସହ ବନ ବିଭାଗ ଅଧିକାରୀମାନଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ସମ୍ପର୍କରେ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ଓ ପିସିସିଏଫ (ୱାଇଲ୍ଡ ଲାଇଫ)ପ୍ରେମ କୁମାର ଝା, ଆରସିସିଏଫ ସଞ୍ଜୀୟ ସ୍ୱାଇଁଙ୍କୁ ଫୋନ କରି ନିଜର ଅସନ୍ତୋଷ ବ୍ୟକ୍ତ କରିବା ସହିତ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ଏମ୍‌ପିଙ୍କ ଗସ୍ତ ସମୟରେ ଢେଙ୍କାନାଳ ଜିଲା ଭାଜପା ସାଧାରଣ ସମ୍ପାଦକ ସୁଶାନ୍ତ କୁମାର ପତି, ଜିଲା ଉପସଭାପତି ସହଦେବ ପୃଷ୍ଟି, ଓବିସି ମୋର୍ଚ୍ଚା ଜିଲା ସମ୍ପାଦକ ରଣଜିତ ନାୟକ, ସତ୍ୟରଞ୍ଜନ ମିଶ୍ର, ସୁଜନ ନାଏକ, ସୁଜିତ ବାରିକ, ସନ୍ତୋଷ ନାଏକ, ତପନ କୁମାର ମହାପାତ୍ର, ରଘୁନାଥ ମହାପାତ୍ର, ଗିରିଶ ସେଠୀ, ପ୍ରବୋଧ ପ୍ରଧାନ ପ୍ରମୁଖ ଅନ୍ୟାନ୍ୟ କର୍ମୀ ଉପସ୍ଥିତ ଥିଲେ ।

## ଅଗ୍ନିବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲା ବିଦ୍ୟୁତ୍‌ପ୍ରଭା ଫାଉଣ୍ଡେଶନ

କାମାକ୍ଷାନଗର, ୫।୩ (ସୁଧୀର କୁମାର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ନିକଟବର୍ତ୍ତୀ ବୈଭବନଗର ସାହିରେ ସୋମବାର ଭୟାବହ ଅଗ୍ନିକାଣ୍ଡ ଘଟି ପ୍ରଫୁଲ୍ଲ ନାଏକଙ୍କ ୩ ବଖରା ଘର ସମେତ ସମସ୍ତ ଆସବାବପତ୍ର, ଧାନ, ଚାଉଳ ଓ ପିନ୍ଧାବସ୍ତ୍ର ପୋଡି ପାଉଁଶ ହୋଇଯାଇଛି । ଖବର ପାଇ କାମାକ୍ଷାନଗରର ସାମାଜିକ ସଂଗଠନ 'ବିଦ୍ୟୁତ ପ୍ରଭା ଫାଉଣ୍ଡେଶନ' ସହାୟତାର ହାତ ବଢ଼ାଇଛି । ଫାଉଣ୍ଡେଶନ ଅଧ୍ୟକ୍ଷା ଅଧ୍ୟାପିକା ଲିପ୍ସା ପ୍ରଧାନଙ୍କ ସହଯୋଗରେ ପ୍ରଫୁଲ୍ଲଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି । ଫାଉଣ୍ଡେଶନର କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା, ସଦସ୍ୟ ହୃଦୟ ବଲ୍ଲଭ ମିଶ୍ର ପ୍ରଫୁଲ୍ଲଙ୍କ ଘରେ ପହଞ୍ଚି ରାସନ ସାମଗ୍ରୀ, ଶୁଖିଲା ଖାଦ୍ୟ ଓ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

## ରକ୍ତଦାନ ଶିବିରରେ ୯୫ୟୁନିଟ୍ ସଂଗ୍ରହ



ରାଇଜିଂଷ୍ଟାର କ୍ଲବ ପକ୍ଷରୁ ରକ୍ତଦାନ ଶିବିର ।

ଢେଙ୍କାନାଳ,୫।୩(ରତନ ନାୟାର)

ଢେଙ୍କାନାଳ ସହର କୁମ୍ଭାରସାହି ରାଇଜିଂଷ୍ଟାର କ୍ଲବର ରକ୍ତଦାନ ଶିବିର ସ୍ଥାନୀୟ ଅଭିନନ୍ଦନ ଗାର୍ଡେନଠାରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସଦସ୍ୟମାନେ ରକ୍ତଦାନ କରିବା ସହିତ ନିଜର ସାଙ୍ଗସାଥି ଓ ବନ୍ଧୁବାନ୍ଧବମାନଙ୍କୁ ରକ୍ତଦାନ ସମ୍ପର୍କରେ ସଚେତନ କରାଇଥିଲେ । ଏହି ରକ୍ତଦାନ ଶିବିରରେ ୯୫ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ମୁଖ୍ୟ ଅତିଥି ଓ ବିଶିଷ୍ଟ ବ୍ୟବସାୟୀ ଶରତ ଚନ୍ଦ୍ର ପାଢୀ ଓ ସାମାଜିକ କର୍ମୀ ବିରଞ୍ଚି ନାରାୟଣ ପାଣି ପ୍ରମୁଖ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିବା ସହିତ କ୍ଲବର ସଦସ୍ୟ ଓ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ । କ୍ଲବର ସଦସ୍ୟ ରଶ୍ମିରଞ୍ଜନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ପରମାନନ୍ଦ ପଣ୍ଡା, ଅଜୟ କୁମାର ସ୍ୱାଇଁ, ରୋହିତ ଦାସ ଓ ଅଭିମନ୍ୟୁ ସାହୁ ପ୍ରମୁଖ ରକ୍ତ ସଂଗ୍ରହ କରିଥିବା ବେଳେ କ୍ଲବର ସଭାପତି ସନାତନ ରାଉଳ, ସମ୍ପାଦକ ଗୁରୁପଦ ବିଶ୍ୱାଳ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ରାଉଳ, ଇଂ. ଅଶୋକ ଦାଶ, ସୁବାସ ଚନ୍ଦ୍ର ମିଶ୍ର, ବସନ୍ତ କୁମାର ସାହୁ, ଶରତ ସାହୁ, ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନର ସଭାପତି ରାଜେନ୍ଦ୍ର ଦାସ, ମନୋଜ କୁମାର ପୃଷ୍ଟି, ବିମଳ ପୋଦାର ଓ କୃଷ୍ଣ ଦେବତା ପ୍ରମୁଖ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ବିଶ୍ୱଜିତ ମହାରଣା, ଆଲୋକ ସାହୁ, ଜିତେନ୍ଦ୍ରୀୟ ପଣ୍ଡା, ବେଣୁଧର ରାଉତ, ଗୋଲକ ବିଶ୍ୱାଳ, ପବିତ୍ର ସେନାପତି, ପ୍ରତାପ ସେନାପତି, ସନ୍ତୋଷ ବେହେରା, ଶ୍ରବଣ ପ୍ରମୁଖ ସହଯୋଗ କରିଥିଲେ ।

